بسم الله الرحمن الرحيم

**୮ ଜୁନ୍ ୨୦୧୮ ଖୁତବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ୍ ବୟତୁଲ୍ ଫୁତୁହ, ଲଣ୍ଡନ**

ଯେତେବେଳେ ରମଜାନ ମାସ ଆସେ ବୈକୁଣ୍ଠର ଦ୍ୱାର ଖୋଲିଦିଆ ଯାଏ ଏବଂ ନର୍କର ଦ୍ୱାର ବନ୍ଦ କରିଦିଆ ଯାଏ । ଭାଗ୍ୟବାନ ସେହିମାନେ ଯେ ଏହି (ପବିତ୍ର) ଦିନମାନଙ୍କରୁ ଉପକୃତ ହୋଇଥାନ୍ତି । ଆଜିକାଲି ପ୍ରତିପାଦରେ ଅଶ୍ଳୀଳତା ଓ ଅସଭ୍ୟତା ଦେଖିବାକୁ ମିଳୁଅଛି, କୁଭାଷା ଓ କୁକାର୍ଯ୍ୟ ଟିଭି, ଇଣ୍ଟରନେଟ୍ ଏବଂ ମିଡ଼ିୟାରେ ପ୍ରଚୁର ମାତ୍ରାରେ ଦେଖିବାକୁ ମିଳୁଅଛି । ଅତଃ ସେ ସମସ୍ତ ଅସଭ୍ୟ ଓ ଅଭଦ୍ର କାର୍ଯ୍ୟକ୍ରମରୁ କେବଳ ରମଜାନରେ ନୁହେଁ ବରଂ ସଦାସର୍ବଦା ନିବୃତ ରହିବା ଆବଶ୍ୟକ । ପ୍ରତ୍ୟେକ ଅହେମଦିମାନଙ୍କୁ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ ।

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ ସୁରେ ଆରାଫ୍ର ୧୫୭ ନଂ ପଙ୍କ୍ତିଂ ପାଠ କରି ତାହାର ଅନୁବାଦ ଉପସ୍ଥାପନ କଲେ- **ଓ୍ୱକ୍ତୁବ୍ ଲନା ଫି ହାଜିହିଦ୍ ଦୁନିୟା ହସନତଉଁ ଓ୍ୱଫିଲ୍ ଆଖିରତି ଇନ୍ନା ହୁଦ୍ନା ଇଲୈକ୍ । କାଲା ଅଜାବି ଉସିବୁ ବିହି ମନ୍ ଅଶାଉ ଓ୍ୱରହ୍ମତି ଓ୍ୱସିଅତ୍ କୁଲ୍ଲା ଶୈଇନ୍ ଫସଅକ୍ତୁବୁହା ଲିଲ୍ଲଯିନା ୟତ୍ତକୁନା ଓ୍ୱୟୁତୁ ନାୟ୍ୟଜକାତା ଓ୍ୱଲ୍ଲଯିନାହୁମ୍ ବିଆୟାତିନା ୟୁମିନୁନ୍** ଅର୍ଥାତ ଏବଂ ତୁମ୍ଭେ ଆମମାନଙ୍କ ପାଇଁ ଇହକାଳ ତଥା ପରକାଳରେ ପୁଣ୍ୟ ଲିପିବଦ୍ଧ କର । ଆମେମାନେ ତୁମ ଆଡ଼କୁ ପ୍ରତ୍ୟାବର୍ତନ କରିଅଛୁ । ଆମ୍ଭେ ଯାହାକୁ ଇଚ୍ଛା ଶାସ୍ତି ପ୍ରଦାନ କରିଥାଉ ଏବଂ ଆମ୍ଭର କରୁଣା ପ୍ରତ୍ୟେକ ବସ୍ତୁକୁ ପରିବେଷ୍ଟିତ କରି ରଖିଛି । ସୁତରାଂ ଆମେ ଉକ୍ତ କରୁଣାକୁ ସେହି ଲୋକମାନଙ୍କ ପାଇଁ ଧାର୍ଯ୍ୟ କରିଦେବୁ ଯେଉଁମାନେ ଧର୍ମନିଷ୍ଠ ଓ ଜକାତଦାତା ଏବଂ ଯେଉଁମାନେ ଆମର ନିଦର୍ଶନଗୁଡ଼ିକ ଉପରେ ବିଶ୍ୱାସ ରଖିଥାନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ- ଅଲ୍ଲାଃତାଲାଙ୍କର ନିଜ ଭକ୍ତମାନଙ୍କ ଉପରେ ଅଦଭୁତପୂର୍ଣ୍ଣ ଦୟା ରହିଛି କି ତାଙ୍କର କୃପା ପ୍ରତ୍ୟେକ ଜିନିଷକୁ ଘେରି ରହିଛି । କୃପାର ଅର୍ଥ ନରମ ହେବା, ଦୟା ଆଚରଣ କରିବା ଅର୍ଥାତ ଅଲ୍ଲାଃତାଲା ଭକ୍ତଙ୍କ ସହ ନମ୍ର ଓ ତାଙ୍କ ଦୋଷତୃଟିକୁ ଅଣଦେଖା କରିବା ଯାହାର କୌଣସି ସୀମା ନଥିବ, ଅଟେ । ଅଲ୍ଲାଃତାଲାଙ୍କର କୃପା ଭାବନା ଏବଂ ଆଚରଣ ଏଭଳି ବିସ୍ତୃତ ଯେ ତାହା ପ୍ରତ୍ୟେକ ବସ୍ତୁକୁ ଘେରି ରହିଛି । ତାଙ୍କ କୃପାରେ ଉଭୟ କରୁଣା ଓ ଦୟା ସାମିଲ ରହିଛି ଏବଂ ତାଙ୍କ କରୁଣା ଯୋଗୁଁ ହିଁ ଭିକ୍ଷା ନକରି ସଂସାରରେ ଅସଂଖ୍ୟ ବସ୍ତୁ ମାନବ ଜାତିର (କଲ୍ୟାଣ) ନିମନ୍ତେ ଉଦ୍ଦିଷ୍ଟ ଏବଂ ରହିମିୟତ୍ ଅଲ୍ଲାଃତାଲାଙ୍କ କର୍ତବ୍ୟ ସମ୍ପାଦନକାରୀ ଓ ତାଙ୍କ ଆଦେଶ ଅନୁଯାୟୀ ଅମଳ କରି ତାଙ୍କ ନିକଟରେ ନତମସ୍ତକ ହୋଇ ନିଜ ଆବଶ୍ୟକତା ଭିକ୍ଷା କରୁଥିବା, ବ୍ୟକ୍ତିଙ୍କ ଉପରେ ପ୍ରକାଶ କରିଥାଏ । ଅଲ୍ଲାଃ କୁହନ୍ତି ଭକ୍ତମାନଙ୍କୁ ଦଣ୍ଡ ଦେବା ମୋର ଉଦ୍ଦେଶ୍ୟ ନୁହେଁ । ଅନେକ ଲୋକଙ୍କର ଏହା ବହୁତ ବଡ଼ ଭ୍ରମ ଧାରଣା ରହିଥାଏ କି ଯଦି ଦଣ୍ଡ ଓ ଶାସ୍ତି ଦେବାର ଥିଲା ତେବେ (ଅଲ୍ଲାଃ) ମଣିଷକୁ ସୃଷ୍ଟି କାହିଁ କରୁଥିଲେ । ଅଲ୍ଲାଃତାଲା କୁହନ୍ତି ମୋର ଉଦ୍ଦେଶ୍ୟ ଏହା ନୁହେଁ, ହଁ ସେହି ଲୋକମାନେ ମୋ ଦଣ୍ଡ ଓ ଶାସ୍ତିର ଭାଗୀଦାର ହୋଇଥାନ୍ତି ଯେ ନିଜ ମନ୍ଦ କାର୍ଯ୍ୟରେ ଶେଷ ସୀମା ଲଙ୍ଘନ କରିଥାନ୍ତି । କିନ୍ତୁ ମୋ ଶାସ୍ତି ମଧ୍ୟ ଅସ୍ଥାୟୀ (ସୀମିତ ସମୟ ପାଇଁ) ଅଟେ ଏବଂ ସୁଧାର ନିମନ୍ତେ ଉଦ୍ଦିଷ୍ଟ । ଏପରିକି ଦିନେ ନର୍କବାସୀ ମଧ୍ୟ ମୋ ଅସିମୀତ ଦୟା (ଆଚରଣ)ରୁ ଭାଗ ନେବେ ଏବଂ ସେମାନଙ୍କ ଶାସ୍ତୀର ଅନ୍ତ ହେବ । ଅଲ୍ଲାଃତାଲା ହିସାବ ନିକାଶ ଦିନର ମାଲିକ । ତେଣୁ ସେ ଆମକୁ ନିଜ ଦୟା ଓ କ୍ଷମାର ଚଦରରେ ନେଇ କୌଣସି ପ୍ରକାରର ଦଣ୍ଡ ନଦେଇ କ୍ଷମାଦେଇ ପାରନ୍ତି କିନ୍ତୁ ଅଲ୍ଲାଃତାଲା କହିଲେ ଯେ ଧର୍ମପରାୟଣ, ଜକାତଦାତା, ତାଙ୍କ ଆଦେଶର କର୍ତବ୍ୟ ସମ୍ପାଦନକାରୀ ଏବଂ ଦୃଢ଼ ବିଶ୍ୱାସର ସହିତ ଅମଳ କରିଥାନ୍ତି, ତାଙ୍କ ଆୟତ ଉପରେ ପୂର୍ଣ୍ଣ ଆସ୍ଥା ରଖିଥାନ୍ତି ସେମାନଙ୍କୁ ସେ ନିଶ୍ଚିତ ରୂପେ ନିଜ ଦୟାର ଚଦରରେ ଢାଙ୍କିଦେବେ । ଆଉ ଏକ ସ୍ଥାନରେ ସେ କୁହନ୍ତି- **ଇନ୍ନା ରହମତଲ୍ ଲାହି କରିବୁନ୍ ମିନଲ୍ ମୁହସିନିନ୍** ଅର୍ଥାତ ବାସ୍ତବରେ ଅଲ୍ଲାଃଙ୍କ କରୁଣା ହିତକାରୀମାନଙ୍କ ନିକଟବର୍ତୀ ଅଟେ । ହିତକାରୀ ସେ ଯେ ସମସ୍ତ ସର୍ତ ପୂରଣ କରି ନିଜ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଅତଃ ଯେ ଧର୍ମନିଷ୍ଠତାର ସର୍ତ ପୂରଣ କରିଥାନ୍ତି, ଅଲ୍ଲାଃଙ୍କ ଆଦେଶ ପାଳନ କରିଥାନ୍ତି, ତାଙ୍କ ନିଦର୍ଶନ ଉପରେ ପୂର୍ଣ୍ଣ ଆସ୍ଥା ରଖିଥାନ୍ତି, ତାଙ୍କ ନିକଟରେ ନତମସ୍ତକ ହୋଇଥାନ୍ତି ସେମାନଙ୍କୁ ଅଲ୍ଲାଃଙ୍କ କରୁଣା ଲାଭ ହୋଇଥାଏ । ସୁତରାଂ ଜଣେ ମୋମିନ୍କୁ ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କରିବା, ଧର୍ମପରାୟଣ ହେବା ଏବଂ ବିଶ୍ୱାସରେ ପୂର୍ଣ୍ଣତାର ସ୍ତର ହାସଲ କରିବାକୁ ଚେଷ୍ଟା କରିବା ଉଚିତ୍ । ଏଠାରେ ଅଲ୍ଲାଃତାଲା ପ୍ରଥମ ଜିନିଷ ଧର୍ମପରାୟଣ ହେବା ଦର୍ଶାଇଛନ୍ତି ଏବଂ ପ୍ରକୃତରେ ଯଦି ଧର୍ମପରାୟଣ ହେବାର ସଠିକ୍ ଜ୍ଞାନ ହାସଲ ହୋଇଯାଏ ତେବେ ଅନ୍ୟାନ୍ୟ ପୁଣ୍ୟ ଓ ବିଶ୍ୱାସରେ ପୂର୍ଣ୍ଣତାର ସ୍ତର ହାସଲ କରିବା ତାହା ଅନ୍ତର୍ଗତେ

ଆସିଯାଇଥାଏ । ଏଥିସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ କୁହନ୍ତି- **ମଣିଷର ସମସ୍ତ ଆଧାତ୍ମିକ ସୌନ୍ଦର୍ଯ୍ୟ ଧର୍ମପରାୟଣତାରେ ଅନ୍ତର୍ନିହିତ** । ଧର୍ମପରାୟଣତା ସୂକ୍ଷ୍ମ ଆଧାତ୍ମିକ ସୌନ୍ଦର୍ଯ୍ୟର କାରୁକାର୍ଯ୍ୟ, ସୁନ୍ଦର ଅସ୍ତିତ୍ୱ ଓ ଢାଂଚା ଅଟେ । ଅଲ୍ଲାଃତାଲା ପବିତ୍ର କୋରାନରେ ଧର୍ମପରାୟଣତାକୁ **ଲିବାସ** (ବସ୍ତ୍ର)ର ନାମ ଦେଇଛନ୍ତି । ଅତଏବ ପବିତ୍ର କୋରାନରେ **ଲିବାସେ ତକୱା** (ଶବ୍ଦ) ଆସିଛି । ଏଥିପ୍ରତି ଇଶାରା କରାଯାଇଛି କି ଆଧାତ୍ମିକ ସୌନ୍ଦର୍ଯ୍ୟ ଓ ମନୋରମତା ଧର୍ମପରାୟଣ ହେବାରେ ହାସଲ ହୋଇଥାଏ । ଧର୍ମପରାୟଣତା ଏହି କି ଯେ, ମଣିଷ ଅଲ୍ଲାଃଙ୍କ ସମସ୍ତ ଅମାନତ୍ ଓ ବିଶ୍ୱାସର ପ୍ରତିଶ୍ରୁତି ତଥା ଭକ୍ତଙ୍କ ସମସ୍ତ ଅମାନତ୍ ଓ ତାଙ୍କ କର୍ତବ୍ୟ ବିସ୍ତୃତ ଭାବରେ ସମ୍ପାଦନ କରିବା ଅର୍ଥାତ ସେଗୁଡ଼ିକର ସୂକ୍ଷ୍ମ ଦିଗଗୁଡ଼ିକ ମଧ୍ୟରେ ନିଜକୁ ଆବଦ୍ଧ କରିନେବା ଅଟେ ।

ହଜୁର ଅନୱର ଅ.ବ କହିଲେ- ଅତଏବ ଏହି ସ୍ତରକୁ ଜଣେ ହାସଲ କରିନେଲେ ଭକ୍ତମାନେ ଅଲ୍ଲାଃଙ୍କ କରୁଣା ଲାଭ କରିବାର ଅଧିକାରୀ ହୋଇଥାନ୍ତି ଏବଂ ଯେପରିକି ମୁଁ କହିଲି ଭକ୍ତର ସ୍ତର କେଉଁଠି କି ସେ ଅଲ୍ଲାଃଙ୍କଠାରୁ କିଛି ହାସଲ କରିବା ଉଚିତ୍ । ହଜୁର ଅନୱର ଅ.ବ କହିଲେ- ଏହି ଦିନଗୁଡ଼ିକ ଯାହାକି ରମଜାନର ଅନ୍ତିମ ସପ୍ତାହ ଅଟେ ଯେଉଁଥିରେ ଆମେ ଅତିକ୍ରମ କରୁଅଛେ । ସେହି ଦିନଗୁଡ଼ିକ ସମ୍ବନ୍ଧରେ ହଜରତ ମହମ୍ମଦ ସ.ଆ କହିଥିଲେ ଯେତେବେଳେ ରମଜାନର ମାସ ଆସେ ବୈକୁଣ୍ଠର ଦ୍ୱାର ଉନ୍ମୁକ୍ତ କରିଦିଆଯାଏ ଏବଂ ନର୍କର ଦ୍ୱାର ବନ୍ଦ କରିଦିଆଯାଏ ଏବଂ ଶୈତାନ୍‌କୁ କଏଦ କରିଦିଆଯାଏ ଏଥିରୁ ମଧ୍ୟ ଜଣେ ମୋମିନ୍ ଉପକୃତ ହୋଇଥାଏ ଏବଂ ସେହିମାନେ ଉପକୃତ ହୋଇଥାନ୍ତି ଯେ ପ୍ରକୃତ ବିଶ୍ୱାସ ରଖିଥାନ୍ତି ଏବଂ ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କରିଥାନ୍ତି । ଆଉ ଏକ ଅବସରରେ ହଜୁର ସ.ଆ କୁହନ୍ତି ଯେଉଁ ବ୍ୟକ୍ତି ବିଶ୍ୱାସର ସହିତ ଓ ପୁଣ୍ୟ ଅର୍ଜନ କରିବା ଉଦ୍ଦେଶ୍ୟରେ ରମଜାନର ରାତିରେ ଉଠି ନମାଜ ପାଠ କରିଥାନ୍ତି ତାହାର ପୂର୍ବ ଅପକର୍ମ କ୍ଷମା କରିଦିଆ ଯାଇଥାଏ । ଅତଃ ଭାଗ୍ୟବାନ ସେ ଯେ ଏହି ଦିନମାନଙ୍କରୁ ଉପକୃତ ହୋଇଥାନ୍ତି । ହଜୁର ଅନୱର ଅ.ବ କହିଲେ- ଏହା ମଧ୍ୟ ତାଙ୍କରି ଧର୍ମ ରମଜାନର ଏହି ଅନ୍ତିମ ପର୍ଯ୍ୟାୟରେ ଆମ୍ଭକୁ **ଲୈଲତୁଲ୍ କଦର୍** ହାସଲ କରିବା ପ୍ରତି ଧ୍ୟାନ ଆକର୍ଷିତ କରାଯାଇଛି । ଯଦ୍ୱାରା ଦୁଆ ସ୍ୱୀକାର ହେବାର ନିଦର୍ଶନ ଆମ୍ଭେ ପୂର୍ବ ଅପେକ୍ଷା ଅଧିକ ଦେଖିପାରିବା । ଯଦିଓ ଏହା ମଧ୍ୟ ଆମର ଅଧିକାର ନୁହେଁ ବରଂ ଅଲ୍ଲାଃଙ୍କ ପ୍ରଦତ ଅଟେ କି ଭକ୍ତଙ୍କୁ ନିଜ ନିକଟବର୍ତୀ କରିବା ପ୍ରତି ପ୍ରୋତ୍ସାହିତ କରିବା ଏବଂ ତାହା ମଧ୍ୟ ତାଙ୍କ କରୁଣାର ଦିର୍ଘ ପରିସୀମା ।

ଆଉ ଏକ ହଦିସ୍‌ରେ ଦରଜ ରହିଛି ରମଜାନର ପ୍ରାରମ୍ଭିକ ପର୍ଯ୍ୟାୟ (ଦଶ ଦିନ) କରୁଣାର ଅଟେ । **ଦ୍ୱିତୀୟ** ପର୍ଯ୍ୟାୟ କ୍ଷମା ପ୍ରାପ୍ତି କରିବାର ଏବଂ ଶେଷ ପର୍ଯ୍ୟାୟ ମୁକ୍ତି ଲାଭ କରିବାର ଅଟେ । ହଜୁର ଅନୱର ଅ.ବ କହିଲେ- ଅଲ୍ଲାଃତାଲାଙ୍କ କରୁଣା କେବଳ ରମଜାନର ପ୍ରଥମ ପର୍ଯ୍ୟାୟ ପାଇଁ ନୁହେଁ ବରଂ ତାହା ପ୍ରଥମରୁ ଦ୍ୱିତୀୟ ଓ ଦ୍ୱିତୀୟରୁ ତୃତୀୟ ପର୍ଯ୍ୟାୟରେ ତଥା ସଦାସର୍ବଦା ମାନବ ଜାତି ନିମନ୍ତେ ଉନ୍ମୁକ୍ତ, ଯେ ଧର୍ମପରାୟଣ ଅଟନ୍ତି । ସେହିପରି ତାଙ୍କ କ୍ଷମା କେବଳ ମଧ୍ୟବର୍ତୀ ଦଶ ଦିନ ପାଇଁ ନୁହେଁ ବରଂ ରମଜାନର ଅନ୍ତିମ ପର୍ଯ୍ୟାୟ ଓ ତା'ଠାରୁ ଆଗକୁ ମଣିଷ ସହିତ ରହିଥାଏ । ସେହିପରି ଅଗ୍ନିରୁ ମଧ୍ୟ ମଣିଷ କେବଳ ଏହି ଦଶ ଦିନରେ ହିଁ ମୁକ୍ତି ଲାଭ କରିନଥାଏ ବରଂ ଅଲ୍ଲାଃଙ୍କ କରୁଣାରୁ ଉପକୃତ ହେବା ପାଇଁ ତାଙ୍କଠାରୁ କ୍ଷମା ଭିକ୍ଷା କରିବା ଯାହାକି ରମଜାନ ଅତିବାହିତ ହେବାପରେ ମଧ୍ୟ ଅଗ୍ନିରୁ ନିବୃତ ରହିଥାଏ ନଚେତ୍ ଯଦି ରମଜାନ ପରେ (ଅଲ୍ଲାଃଙ୍କଠାରୁ) ଦୂରତା ରକ୍ଷାକରାଯାଏ ତେବେ ତାହା ଏପରି କାର୍ଯ୍ୟ ଅଟେ ଯେମିତି ଜଣେ ନିଜ ପାଇଁ ଏକ ସୁଦୃଢ ଦୁର୍ଗ ପ୍ରସ୍ତୁତ କରିବା ପରେ ତାହାକୁ ଭାଙ୍ଗି ନଷ୍ଟ କରିଦିଏ । ଅତଃ **ନା ଅଲ୍ଲାଃଙ୍କ କରୁଣା ଦିନ ମଧ୍ୟରେ ସୀମିତ ନା ତାଙ୍କର କ୍ଷମା ଦିନ ମଧ୍ୟରେ ସୀମିତ ନା ତାଙ୍କ ଅଗ୍ନିର (ଶାସ୍ତି)ରୁ ମୁକ୍ତି ପାଇବାର ମାର୍ଗ ସୀମିତ ଅଟେ ।**

ହଜରତ ମସିହ ମଉଦ ଆ.ସ ଉପରୋକ୍ତ ପଙ୍କ୍ତିର ସ୍ୱଷ୍ଟିକରଣ କରି କୁହନ୍ତି- ଅଲ୍ଲାଃତାଲା କୁହନ୍ତି ମୁଁ ଯାହାକୁ ଇଚ୍ଛାକରେ ଶାସ୍ତି ଦିଏ ଏବଂ ମୋ କରୁଣା ପ୍ରତ୍ୟେକ ଜିନିଷକୁ ଘେରି ରହିଛି ତେଣୁ ମୁଁ ସେମାନଙ୍କ ପାଇଁ ଯେ ସମସ୍ତ ପ୍ରକାରର ଶିରକ୍ ଓ ଅମାନ୍ୟ କରିବା ଓ ଅପବିତ୍ରତାରୁ ନିବୃତ ରହିଥାନ୍ତି ଏବଂ ଜକାତ୍ ଦେଇଥାନ୍ତି ତଥା ଆମ ନିଦର୍ଶନମାନ ଦେଖି ପୂର୍ଣ୍ଣ ବିଶ୍ୱାସ ରଖିଥାନ୍ତି ସେମାନଙ୍କୁ (ଆମ) କରୁଣାରୁ ଭାଗ ନେବାର ଲେଖିବୁ । ଏଠାରେ ଆପଣ ଧର୍ମପରାୟଣତାର ସ୍ୱଷ୍ଟିକରଣ ତିନି ଗୋଟି ଶବ୍ଦରେ କରିଛନ୍ତି **ପ୍ରଥମ** ଶିରକ୍ କରିବାରୁ ନିବୃତ ରହିବା, **ଦ୍ୱିତୀୟ** ଅମାନ୍ୟ (କୁଫର୍) କରିବାରୁ ନିବୃତ ରହିବା, **ତୃତୀୟରେ** ଅଶ୍ଳୀଳତା (ଫୱାହିଶ୍)ରୁ ନିବୃତ ରହିବା । ଆଜିକାଲି ପ୍ରତିପାଦରେ ଅଶ୍ଳୀଳତା ଓ ଅସଭ୍ୟତା ଦେଖିବାକୁ ମିଳୁଅଛି, କୁଭାଷା ଓ ଖରାପ ଜିନିଷ ଟିଭି, ଇଣ୍ଟରନେଟ୍ ଏବଂ ମିଡ଼ିୟାରେ ପ୍ରଚୁର ମାତ୍ରାରେ ଦେଖିବାକୁ ମିଳୁଅଛି । ଅତଃ ସେ ସମସ୍ତ ଅସଭ୍ୟ ଓ ଅଭଦ୍ର କାର୍ଯ୍ୟକ୍ରମରୁ ନିବୃତ ରହିବା ଅଲ୍ଲାଃତାଲାଙ୍କ କରୁଣା ଲାଭ କରିବାର ମାଧ୍ୟମ ସାଜିଥାଏ । କେବଳ ରମଜାନରେ ନୁହେଁ ବରଂ ସଦାସର୍ବଦା ନିବୃତ ରହିବା ଆବଶ୍ୟକ । ଏହି ଜିନିଷ ଯୁବକ ବରଂ ଗୁରୁଜନମାନଙ୍କର ମଧ୍ୟ ମତି ଭ୍ରଷ୍ଟ କରି (ସେମାନଙ୍କ ମସ୍ତିଷ୍କକୁ) ବିଷାକ୍ତ କରିଦେଇଥାଏ

। ସେମାନଙ୍କ ଚରିତ୍ର ମଧ୍ୟ ଖରାପ ହୋଇଯାଏ ଏବଂ ସେମାନେ ବିଶ୍ୱାସରୁ ମଧ୍ୟ ଦୂରକୁ ଚାଲିଯାଇଥାନ୍ତି । ଅତଃ ଏଥିପ୍ରତି ପ୍ରତ୍ୟେକ ଅହେମଦିଙ୍କୁ ଧ୍ୟାନ ଦେବା ଆବଶ୍ୟକ ଏବଂ ସେଗୁଡ଼ିକୁ ଆବଶ୍ୟକତା ମୁତାବକ ଓ ସତର୍କତାର ସହିତ ବ୍ୟବହାର କରିବା ଉଚିତ୍ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଉକ୍ତ ପଙ୍କ୍ତିରୁ ଜଣାଯାଉଛି ଯେ, (ଅଲ୍ଲାଃ)ଙ୍କ କରୁଣା ସାଧାରଣ ଓ ବିସ୍ତୃତ ଅଟେ ଏବଂ ଶାସ୍ତି ଦେବାର ଗୁଣ ଅଲ୍ଲାଃଙ୍କ ନିୟମ ଭଙ୍ଗ କରିବା ଅନ୍ତେ ନିଜର ଅଧିକାର ସାବ୍ୟସ୍ତ କରିଥାଏ । ଅତଃ ଯେତେବେଳେ ଅଲ୍ଲାଃତାଲା କାହାରିକୁ ଶାସ୍ତି ଦେଇଥାନ୍ତି ତେବେ ତାହା ଏଥିପାଇଁ କି ସେ ଅଲ୍ଲାଃଙ୍କ (ଧାର୍ଯ୍ୟ) ନିୟମର ସୀମା ଲଙ୍ଘନ କରିଥାଏ ଏବଂ ଯେପରିକି ଚର୍ଚ୍ଚା କରି ଆସିଲି କି ଉକ୍ତ ଶାସ୍ତି ମଧ୍ୟ ତାହାର ସୁଧାର ନିମନ୍ତେ ଉଦ୍ଦିଷ୍ଟ । ପୁଣି ଶେଷରେ ଅଲ୍ଲାଃତାଲାଙ୍କ କରୁଣା ହିଁ ଜୟଯୁକ୍ତ ହୋଇଥାଏ । ହଜୁର ଅନୱର ଅ.ବ କହିଲେ- ଯେତେବେଳେ ଜଣେ (ଏଥିପ୍ରତି) ଧ୍ୟାନ ଦେବା ସହିତ କ୍ଷମା ପ୍ରାର୍ଥନା କରେ, ବ୍ୟାକୁଳ ହୋଇ (ନମାଜ) ପାଠ କରେ, ଦୁଆ କରେ ଏବଂ ଅଲ୍ଲାଃଙ୍କ କର୍ତବ୍ୟ ସମ୍ପାଦନ କରେ ତେବେ କ'ଣ ଅଲ୍ଲାଃଙ୍କର କୌଣସି କର୍ତବ୍ୟ ନାହିଁ ବରଂ ଭକ୍ତମାନଙ୍କ ଉପରେ କରୁଣା କରିବା ପାଇଁ ତ ସେ ସର୍ବଦା ତତ୍ପର । ପୁଣି **ତାଙ୍କ କରୁଣା ତାଙ୍କ ଶାସ୍ତି ଉପରେ ପ୍ରାଧାନ୍ୟ ରଖିଥାଏ ଏବଂ ଶାସ୍ତି ଉଭେଇ ପରଦାରେ ଲୁଚିଯାଏ ।**

ପୁଣି କ୍ଷମା ପ୍ରାର୍ଥନାର ସତ୍ୟାସତ୍ୟ ଓ ତାହାର ପ୍ରକୃତ ଅର୍ଥ ବର୍ଣ୍ଣନା କରି କୁହନ୍ତି- ଅଲ୍ଲାଃତାଲାଙ୍କୁ ନିବେଦନ କରିବା ଯେପରି ଦୁର୍ବଳତାର କୌଣସି ପ୍ରଭାବ ପ୍ରକାଶ ନପାଇବ ଏବଂ ଅଲ୍ଲାଃ (ମାନବ) ସ୍ୱଭାବକୁ ନିଜ ଶକ୍ତି ଦ୍ୱାରା ସାମର୍ଥ୍ୟ ପ୍ରଦାନ କରି ନିଜ ସାହାଯ୍ୟ ଓ ଅନୁକମ୍ପାର ପରିସୀମା ମଧ୍ୟରେ ରଖିବେ । ଆପଣ କୁହନ୍ତି ଅଲ୍ଲାଃ ଯେପରିକି ମଣିଷର ସୃଷ୍ଟିକର୍ତା ଏବଂ ମଣିଷର ସମସ୍ତ ଅନ୍ତଃ ଓ ବାହ୍ୟ ଶକ୍ତି ସୃଷ୍ଟିକର୍ତା ସେହିପରି ସେ ମଣିଷକୁ କୟୁମ୍ (ସ୍ଥାୟୀତ୍ୱ ପ୍ରଦାନ) କରିଥାନ୍ତି । ଅର୍ଥାତ ଯାହାକିଛି ସୃଷ୍ଟି କରିଛନ୍ତି ତାହାକୁ ସ୍ୱୟଂ ସୁରକ୍ଷା ପ୍ରଦାନ କରିଥାନ୍ତି । ଏଥିପ୍ରତି ଧ୍ୟାନ ଆକର୍ଷିତ କରି ସୁରେ ଫାତିହାରେ ଏହି ପଙ୍କ୍ତି ରହିଛି **ଇୟାକାନାବୁଦୁ ୱ ଇୟାକାନଶ୍ ତଇନ୍** ଅର୍ଥାତ ଆମେ ତୁମର ହିଁ ଉପାସନା କରୁଅଛୁ ଏବଂ ତୁମଠାରୁ ହିଁ ସାହାଯ୍ୟ ଭିକ୍ଷା କରୁଅଛୁ କି ତୁମ ଅଟଳ ରହିବା ଓ ପାଳନ କରିବା (ଗୁଣ) ଆମ ସାହାଯତାରେ ଆସି ଆମକୁ ଅସୁବିଧାରେ ପଡ଼ିବାରୁ ରକ୍ଷା କରିବ ଏବଂ ଏପରି ନହୁଏ କି ଆମ ଦୁର୍ବଳତା (ପ୍ରକାଶ ପାଇ) ଆମ ଉପାସନା ସମ୍ପାଦନାରେ ବିଘ୍ନ ସୃଷ୍ଟି କରିବ । କ୍ଷମା ପ୍ରାର୍ଥନାର ବିଷୟବସ୍ତୁକୁ ଅଧିକ ସ୍ପଷ୍ଟ କରିବାକୁ ଯାଇ ଆପଣ କୁହନ୍ତି କେତେକ ଲୋକ ଏପରି ଥାନ୍ତି ଯେ ଅପକର୍ମ କରୁଥିବାର ହୃଦୟଙ୍ଗମ କରିଥାନ୍ତି ଏବଂ ଆଉ କେତେ ହୃଦୟଙ୍ଗମ ହିଁ କରିପାରି ନଥାନ୍ତି । ତେଣୁକରି ଅଲ୍ଲାଃତାଲା ସଦାସର୍ବଦା ପାଇଁ କ୍ଷମା ପ୍ରାର୍ଥନାର ବ୍ୟବସ୍ଥା କରିଦେଲେ କି ମଣିଷ ନିଜ ଅପକର୍ମ ତାହା ପ୍ରକାଶିତ ହେଉ ଅବା ଅପ୍ରକାଶିତ, ତାହାର ଜ୍ଞାତରେ ହେଉ ଅବା ଅଜ୍ଞାନ୍ତରେ ତାହା ଶରୀରର ପ୍ରତ୍ୟେକ ଅଙ୍ଗ ଯଥା ହାତ, ଗୋଡ଼, ଜିଭ, ନାକ, କାନ, ଆଖି ତଥା ସମସ୍ତ ଭାଗର ଅପକର୍ମରୁ କ୍ଷମା ପ୍ରାର୍ଥନା କରୁଥିବା ଉଚିତ୍ । ଆପଣ କୁହନ୍ତି ଆଜିକାଲି ଆଦମ ଆ.ସଙ୍କ ଦୁଆ ପାଠ କରିବା ଆବଶ୍ୟକ କି **ରବ୍‌ବନା ଜଲମନା ଅନ୍‌ଫୁସନା ୱ ଇଲ୍‌ଲମ୍ ତଗ୍‌ଫିର୍‌ଲନା ୱ ତର୍‌ହମ୍‌ନା ଲନକୁନନ୍ନା ମିନଲ୍ ଖାସିରିନ୍**ର ଦୁଆ ପ୍ରାରମ୍ଭରୁ ସ୍ୱୀକାର ହୋଇଯାଇଛି । ଅର୍ଥାତ ଅଲ୍ଲାଃତାଲା ମୁଁ ନିଜ ଉପରେ ଅତ୍ୟାଚାର କରିଛି ଯଦି ତୁମେ କ୍ଷମା ନକର ଏବଂ ଆମ ସହ ଦୟା ଆଚରଣ ନକର ତେବେ ଆମେ ଅସଫଳ ହୋଇଯିବୁ । ହଜୁର ଆ.ସ କୁହନ୍ତି ବ୍ୟର୍ଥ ଜୀବନ ଅତିବାହିତ କର ନାହିଁ ଯେ ଏପରି ଜୀବନ ଅତିବାହିତ କରିନଥାଏ କଦାପି ଆଶା କରାଯାଇ ନଥାଏ କି ସେ କୌଣସି ବଡ଼ ଧରଣର ଅସୁବିଧାର ସମ୍ମୁଖୀନ ହେବ । କୌଣସି ଅସୁବିଧା ଅଲ୍ଲାଃଙ୍କ ବିନା ଅନୁମତିରେ ଆସିନଥାଏ ଯେପରିକି ମୋତେ ଏହି ଦୁଆ ଐଶ୍ୱରିକବାଣୀ ଦ୍ୱାରା ଶିଖାଗଲା କି **ରବ୍‌ବେ କୁଲ୍ଲୁ ଶୈଇନ୍ ଖାଦିମୁକା ରବ୍‌ବେ ଫାହ୍‌ଫଜ୍‌ନି ୱନ୍‌ସୁରୁନି ୱର୍‌ହମ୍‌ନି ।**

ଅସ୍‌ତଗଫାର୍ ଓ ତୌବା ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ହଜୁର ଆ.ସ କୁହନ୍ତି ଅସ୍‌ତଗଫାର୍ ଓ ତୌବା ଦୁଇ ଭିନ୍ନ ଅର୍ଥ ପ୍ରକାଶ କରୁଥିବା ଶବ୍ଦ ଅଟେ । ଅସ୍‌ତଗଫାର୍‌ର ଅର୍ଥ ସାହାଯ୍ୟ ଓ ସାମର୍ଥ୍ୟ ଅଟେ ଯାହାକି ଅଲ୍ଲାଃତାଲାଙ୍କ ଠାରୁ ହାସଲ କରାଯାଇଥାଏ । ତୌବା ଏଥିନିମନ୍ତେ ଅଟେ କି ଅଲ୍ଲାଃଙ୍କ ନିକଟରେ ଆମେ ଯେଉଁ କ୍ଷମା ପ୍ରାର୍ଥନା କଲେ ତାହା ଉପରେ ସେ ଆମକୁ ପ୍ରତିଷ୍ଠିତ ରଖନ୍ତୁ । ଆପଣ କୁହନ୍ତି ଅଲ୍ଲାଃତାଲାଙ୍କର ଏହି ଅଭ୍ୟାସ ରହିଛି କି ଯେତେବେଳେ ଅଲ୍ଲାଃଙ୍କ ଠାରୁ ସାହାଯ୍ୟ ଭିକ୍ଷା କରାଯାଏ ସେତେବେଳେ ସେ ଏକ ଶକ୍ତି ପ୍ରଦାନ କରିଥାନ୍ତି ପରେ ଏପରି ବ୍ୟକ୍ତି ନିଜ ଗୋଡ଼ରେ ଦଣ୍ଡାୟମାନ ହୋଇଯାଇଥାଏ ଏବଂ ଉତମକର୍ମ ସମ୍ପାଦନ କରିବାକୁ ତାହା ମଧ୍ୟରେ ସାମର୍ଥ୍ୟ ଉତ୍ପନ୍ନ ହୋଇଯାଏ । ପୁଣି ତୌବାକୁ ଅଧିକ ସ୍ପଷ୍ଟ କରିବାକୁ ଯାଇ ଆପଣ କୁହନ୍ତି ମନେରଖନ୍ତୁ ଯେ, ତୌବା ଆରବୀ ଶବ୍ଦକୋଶରେ ଫେରିବା (ରୁଜୁ କରିବା)କୁ କୁହାଯାଏ । ତେଣୁକରି ପବିତ୍ର କୁରଆନ୍‌ରେ ଅଲ୍ଲାଃତାଲାଙ୍କ ନାମ ତୌଆବ ଅଟେ । ଅର୍ଥାତ ଅତ୍ୟନ୍ତ ରୁଜୁକାରୀ ଯେତେବେଳେ ଜଣେ ନିଜ ଅପକର୍ମର ଘୋର ଅନୁତାପ କରି ସେଥିରୁ ସ୍ୱଚ୍ଛ ହୃଦୟର ସହିତ ମୁକୁଳିଯାଇ ଅଲ୍ଲାଃଙ୍କ ଶରଣାଗତ ହୁଏ ସେତେବେଳେ ଅଲ୍ଲାଃତାଲା ତାଠାରୁ ବଳି ତାହା ଆଡ଼କୁ ପତ୍ୟାବର୍ତନ କରିଥାନ୍ତି ।

ହଜୁର ଆ.ସ ନିଷ୍କାପର ତୌବାର ସର୍ତାବଳୀ ବର୍ଣ୍ଣନା କରି କୁହନ୍ତି- ପ୍ରକୃତ ତୌବା ନିମନ୍ତେ ତିନିଗୋଟି ସର୍ତ ରହିଛି । **ପ୍ରଥମ** ନିଜ ମସ୍ତିଷ୍କକୁ ସମସ୍ତ (ଅପ)ଚିନ୍ତାରୁ ପବିତ୍ର ରଖିବା ଯଦ୍ୱାରା ମନ୍ଦ ଚିନ୍ତା ଜନ୍ମ ନେଇଥାଏ । **ଦ୍ୱିତୀୟ** ସର୍ତ ଯଦି କୌଣସି ପ୍ରକାରର ଅପକର୍ମ ଅବା ପାପ କରିବାକୁ ମନବଳାଏ ତେବେ ଅନୁତାପ ଓ ଦୁଃଖ ପ୍ରକାଶ କରିବା ଉଚିତ୍ । **ତୃତୀୟ** ସର୍ତ ଦୃଢ ସଙ୍କଳ୍ପ, ମଜବୁତ୍ ଲକ୍ଷର ସହିତ ସମସ୍ତ ପ୍ରକାରର ଅପକର୍ମରୁ ସମ୍ପୂର୍ଣ୍ଣ ରୂପେ ନିବୃତ ରହିବା ଏବଂ **ସେଥିରେ ଦୃଢତାର ସହିତ ପ୍ରତିଷ୍ଠିତ ରହିବା ନିମନ୍ତେ ପୂର୍ଣ୍ଣ ସାମର୍ଥ୍ୟ ଓ ଉଦ୍ଦେଶ୍ୟ ରଖି ଦୁଆ କରିବା ଦ୍ୱାରା ହିଁ ଉକ୍ତ ଅପକର୍ମରୁ ଦୂରେଇ ଯାଇପାରିବ ଏବଂ ତାହା ପରିବର୍ତେ ପୁଣ୍ୟ ଅର୍ଜନ କରିବାର ଶକ୍ତି ପ୍ରାପ୍ତ ହେବ ।**

ଅସତଗଫାର୍ ଓ ତୌବାରୁ ରକ୍ଷା ପାଇବାର ସ୍ପଷ୍ଟିକରଣ କରି ହଜୁର ଆ.ସ କୁହନ୍ତି- ତୌବା କରିବା ଦ୍ୱାରା ମଣିଷର ଉଭୟ ଇହ ଓ ପରକାଳ ସଂଶୋଧିତ ହୋଇଯାଇଥାଏ । ଅଲ୍ଲାଃତାଲା କୁହନ୍ତି- **ରବ୍ବନା ଆତିନା ଫିଦ୍ଦୁନୟା ହସନତୌଁ ୱ୍ଫିଲ୍ଆଖିରତି ହସନତୌଁ ୱ୍କିନା ଅଜାବନ୍ନାର୍** ଅର୍ଥାତ ହେ ଆମର ଅଲ୍ଲାଃ ! ଏହି ଇହକାଳରେ ଆମକୁ ଆରାମ ଓ ବିଳାଷମୟ ସାମଗ୍ରୀ ପ୍ରଦାନ କର ଏବଂ ପରକାଳରେ ମଧ ଆରାମ ଓ ଶାନ୍ତି ପ୍ରଦାନ କର ଏବଂ ଆମ୍ଭକୁ ନର୍କର (ଶାସ୍ତି)ରୁ ରକ୍ଷା କର । ପ୍ରକୃତରେ **ରବ୍ବନା** ଶଦ୍ଦରେ ତୌବା କରିବା ନିମନ୍ତେ ଏକ ସୁକ୍ଷ୍ମ ଇଶାରା ରହିଛି । କାରଣ ଏହି ଶଦ୍ଦ ଆବଶ୍ୟକ କରିଥାଏ କି ମଣିଷ ପୂର୍ବରୁ ଯେଉଁ ସବୁ ରବ୍ (ପାଳନକର୍ତା) ନିଜ ମନ ଭିତରେ ସ୍ଥାନ ଦେଇ ବସିଥିଲା ସେମାନଙ୍କଠାରୁ ଅତିଷ୍ଟ ହୋଇ ଏହି ରବ୍ ପ୍ରତି ମନଯୋଗ କରିଅଛି ଏବଂ ଉକ୍ତ ଶଦ୍ଦ ପ୍ରକୃତ ବିନମ୍ରତା ଓ ବ୍ୟାକୁଳତା ବ୍ୟତୀତ ମଣିଷ ହୃଦୟରେ ଉତ୍ପନ୍ନ ହୋଇନଥାଏ । ଏପରି ଦୁଆ କରିବା କେବଳ ସେହି ଲୋକମାନେ କରିଥାନ୍ତି ଯେ କେବଳ ଅଲ୍ଲାଃଙ୍କୁ ହିଁ ନିଜର ରବ୍ ସ୍ୱୀକାର କରିଥାନ୍ତି ଏବଂ ସେମାନଙ୍କର ଦୃଢ ବିଶ୍ୱାସ ଥାଏ ଯେ, ତାଙ୍କ ରବ୍ ନିକଟରେ ଅନ୍ୟ ସମସ୍ତ ରବ୍ ନଗନ୍ୟ ଓ ତୁଚ୍ଛ ଅଟନ୍ତି । ଆପଣ କୁହନ୍ତି ଅଗ୍ନିର ଅର୍ଥ କେବଳ ସେହି ଅଗ୍ନି ନୁହେଁ ଯାହାକି କୟାମତରେ (ଶାସ୍ତି) ରୂପକ ମିଳିଥାଏ ବରଂ ଏହି ସଂସାରରେ ଦିର୍ଘଜୀବୀ ହୋଇଥିବା ଲେକେ ଦେଖିନେଇଥାନ୍ତି କି ସଂସାରରେ ସହସ୍ର କିସମର ଅଗ୍ନି ରହିଛି କିନ୍ତୁ ଯେଉଁ ମୋମିନ୍ ଦୁଆ କରିଥାଏ କି ହେ ଅଲ୍ଲାଃ ! ଆମକୁ ସମସ୍ତ ପ୍ରକାରର ଆଗ୍ନିରୁ ରକ୍ଷା କର ଯେତେବେଳେ ଆମେ ତୁମ ଶରଣାଗତ ହେଲୁ ସେତେବେଳେ ସେ ସମସ୍ତ ପ୍ରକାରର ଅସୁବିଧା ଯାହାକି ମଣିଷ ଜୀବନକୁ ବିଷାକ୍ତ କରିଥାଏ ତାହା ମଣିଷ ନିମନ୍ତେ ଅଗ୍ନି ସଦୃଶ ଅଟେ ।

ହଜରତ ମସିହ ମଉଦ ଆ.ସ ଏକଦା ଜମାଅତର ଏଥିପ୍ରତି ଧ୍ୟାନ ଆକର୍ଷିତ କରି କହିଲେ ଆମ ଜମାଅତର ସଦସ୍ୟମାନଙ୍କୁ ଏହି ଦୁଆ ଅତ୍ୟଧିକ ମାତ୍ରାରେ କରିବା ଉଚିତ୍ **ରବ୍ବନା ଆତିନା ଫିଦ୍ଦୁନୟା ହସନତୌଁ ୱ୍ଫିଲ୍ଆଖିରତି ହସନତୌଁ ୱ୍କିନା ଅଜାବନ୍ନାର୍** ଅତଃ ଏଥିପ୍ରତି ଆମକୁ ମଧ ଧ୍ୟାନ ଦେବା ଆବଶ୍ୟକ ଯଦ୍ୱାରା ଅଲ୍ଲାଃତାଲା ଆମକୁ ନିଜ କରୁଣାର ଚଦରରେ ନେଇ ସମସ୍ତ ପ୍ରକାରର ସାଂସାରିକ ଓ ପରକାଳର ଅଗ୍ନିରୁ ରକ୍ଷା କରିବେ । ହଜରତ ମସିହ ମଉଦ ଆ.ସ କୁହନ୍ତି ପବିତ୍ର କୋରାନରେ ଅଲ୍ଲାଃତାଲା ଯାହା ଦର୍ଶାଇଛନ୍ତି ତାହାର ସାରାଂଶ ଏପରି ଅଟେ ହେ ଭକ୍ତଗଣ ! ମୋଠାରୁ ନିରାଶ ହୁଅ ନାହିଁ ମୁଁ ଦୟା, କ୍ଷମା, ଦୋଷ ଅଣଦେଖା କରିବା ଓ କରୁଣା ଆଦି ଗୁଣ ମାଧମରେ ସବୁଠାରୁ ଅଧିକ ତୁମ ଉପରେ ଦୟା ଆଚରଣ କରିଥାଏ ଏବଂ ମୋପରି କେହି ଦୟା ଆଚରଣ କରି ନଥାନ୍ତି । ଯେଉଁ ବ୍ୟକ୍ତି ମୋ ଆଡ଼କୁ ଆସେ ସେ ମୋ ଦ୍ୱାରକୁ ଉନ୍ମୁକ୍ତ ପାଇଥାଏ ମୁଁ ତୌବାକାରୀଙ୍କ କ୍ଷମା ଦେଇଥାଏ ତାହା ପର୍ବତ ପରି ଉଚ୍ଚା ହେଉ ନାକାହିଁକି । ମୋ କରୁଣା ବେଶ୍ ଅଧିକ ଏବଂ ଶାସ୍ତି ଖୁବ୍ କମ୍ ଅଟେ କାରଣ ତୁମେ ମୋର ସୃଷ୍ଟି ମୁଁ ତୁମକୁ ଜନ୍ମ ଦେଇଛି । ମୋ କରୁଣା ସମସ୍ତଙ୍କ ଉପରେ ଆଚ୍ଛାଦିତ ହୋଇ ରହିଛି ।

ଅଲ୍ଲାଃତାଲା ଆମକୁ ନିଷ୍କାପର ଭାବରେ ତାଙ୍କ ଶରଣାଗତ ହୋଇ ଧର୍ମପରାୟଣ ହେବା, ନିଜ ବିଶ୍ୱାସ ଓ ଆସ୍ଥାରେ ଉନ୍ନତି କରିବାକୁ ଶକ୍ତି ପ୍ରଦାନ କରନ୍ତୁ ଯଦ୍ୱାରା ଆମେ ସଦାସର୍ବଦା ତାଙ୍କ କରୁଣାରୁ ଭାଗ ନେଉଥିବା । କଦାପି ଏଭଳି ସମୟ ନଆସୁ ଯେତେବେଳେ କି ଆମେ ତାଙ୍କ କରୁଣାରୁ ବଂଚିତ ରହିଯିବା ଏବଂ ନିଜ ଅପକର୍ମ ଯୋଗୁଁ ତାଙ୍କ ଦଣ୍ଡର ଅଧିକାରୀ ହେବା । ଅଲ୍ଲାଃତାଲାଙ୍କ କରୁଣା ଦୃଷ୍ଟି ନିରନ୍ତର ଆମ ଉପରେ ରହିଥାଉ ।

Khulasa Khutba Juma Huzoor Anwar a.b.a

8th June 2018